


## ସଂକ୍ଷେପରେ

### କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ

**ଗୋବିନ୍ଦପାଲୀ, ୧୫।୧୦:** ଖଇରପୁଟ ବ୍ଲକ ଗୋବିନ୍ଦପାଲୀରେ ଫ୍ୟାକ୍ଟ କମ୍ପ୍ୟୁଟର ନାମରେ ଏକ ଶିକ୍ଷାନୁଷ୍ଠାନ ସରପଞ୍ଚ ଉର୍ମିଳା ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମାଲକାନଗିରି ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ୨୫ଜଣ ଛାତ୍ରୀଛାତ୍ରଙ୍କୁ ୩ମାସ ଧରି ମାଗଣାରେ ପ୍ରାରମ୍ଭିକ କମ୍ପ୍ୟୁଟର ଶିକ୍ଷା ଦିଆଯିବ। ଜାନୁୟାରୀ ୧୫ ପର୍ଯ୍ୟନ୍ତ ଉକ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଦିଆଯିବ।

### ସୁନାବେଡ଼ା ପୌରପରିଷଦର ଜନସମ୍ପର୍କ ପଦଯାତ୍ରା



**ସେମିଳିଗୁଡ଼ା,୧୫।୧୦(ସ୍ୱ.ପ୍ର):** କୋରାପୁଟ ଜିଲା ସୁନାବେଡ଼ା ପୌରପରିଷଦ ତରଫରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସେମିଳିଗୁଡ଼ା ଛକଠାରୁ ଶିଶୁ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ସୁନାବେଡ଼ା ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ଜି.ପି ଦାସ, ନିର୍ମଳ ମହାନ୍ତି, ପ୍ରଭାତ ସୁତାର , ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ କାଉନସିଲର ଭରତ ମଲ୍ଲିକ, ବିଜେଡି ଜିଲା ଯୁବ ସଭାପତି ଅମିତ ଅଗ୍ରୱାଲ ସାମିଲ ଥିଲେ।

### ସ୍କୁଲରେ ଅଭିଭାବକ ସମ୍ମିଳନୀ



**ପାପଡାହାଣ୍ଡି, ୧୫।୧୦ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସୁଦେଷ୍ଣା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଛାତ୍ରୀମାନଙ୍କ କରାଯାଇଥିବା ସିଲେଇ ସାମଗ୍ରୀକୁ ସମସ୍ତଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା। ସଞ୍ଜୀବ ପଣ୍ଡା ଓ କାଳିକିଙ୍କର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

### ଲେଖକ ଦ୍ୱିତୀଚନ୍ଦ୍ର ସାହୁଙ୍କ ମାତୃ ବିୟୋଗ

**ପଦ୍ମପୁର,୧୫।୧୦(ଡ଼ି.ଏନ.ଏ):** ରାୟଗଡ଼ା ଜିଲାର ଯୁବ ଲେଖକ ଦ୍ୱିତୀଚନ୍ଦ୍ର ସାହୁଙ୍କ ମାଆ ରାଧାଦେବୀ ସାହୁ(୯୦)ଙ୍କ ପରଲୋକ ହୋଇଛି। ସେ ଦୀର୍ଘ ବର୍ଷ ଧରି ସ୍ନାୟୁବିକ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ କୀର୍ତ୍ତି ସାହୁ, ଦ୍ୱିତୀଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁଙ୍କ ସମେତ ନାତି,ନାତୁଣି ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ସ୍ନେହଶିଳା, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଭାଜପା ନେତା ଜୟରାମ ପାଙ୍ଗୀ, ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ହେମା ଗମାଙ୍ଗ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।



କୋରାପୁଟ ପୋଲିସ ପଡ଼ିଆର ପୂଜାମଣ୍ଡପରେ ସଜ୍ଜିତ ଆଲୋକମାଳା।



କୋରାପୁଟ ବସଷ୍ଟାଣ୍ଡଠାରେ ନିର୍ମିତ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

# ଦୁର୍ଗାଙ୍କ ଷଷ୍ଠୀପୂଜା ଆରମ୍ଭ

**କୋରାପୁଟ ସହର ଚଳଚଞ୍ଚଳ**

**କୋରାପୁଟ,୧୫।୧୦(ସ୍ୱ.ପ୍ର)**

ଚଳିତ ବର୍ଷ କୋରାପୁଟ ସହରରେ ୭ଟି ସ୍ଥାନରେ ମା ଦୁର୍ଗାଙ୍କ ପୂଜା ସୋମବାରରୁ ଆରମ୍ଭ ହୋଇଛି। ଏଥିନେଇ ସହର ଚଳଚଞ୍ଚଳ ହୋଇଉଠିଛି । ବେଲବରଣ ପୂଜା ପରେ ରାତ୍ରରେ ମା ଦୁର୍ଗାଙ୍କ ଚକ୍ଷୁଦାନ କରାଯାଇଥାଏ। ଏହି ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସୁଉଚ୍ଚତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳା ପୂଜା ମଣ୍ଡପ ସୌନ୍ଦର୍ଯ୍ୟ ବୃଦ୍ଧି କରିଛି। ଚଳିତ ବର୍ଷ ସହରର ବସଷ୍ଟାଣ୍ଡଠାରେ ଘରୋଇ ବସମାଲିକ ସଂଘ ପକ୍ଷରୁ ପୂଜା ଆୟୋଜନ କରାଯାଇଥିବାବେଳେ ଜିଲା ପୋଲିସ ବିଭାଗ ପକ୍ଷରୁ ପୋଲିସ ପଡ଼ିଆଠାରେ ମାଙ୍କ ମୃଣ୍ମୟୀମୂର୍ତ୍ତି ସହ ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ମୂର୍ତ୍ତିମାନ ପ୍ରଦର୍ଶିତ ହୋଇଛି । ସେହିପରି ମଣ୍ଡଳ କାରାଗାର ପକ୍ଷରୁ ସ୍ଥାନୀୟ କାରାଗାର ସମ୍ମୁଖରେ ପୂଜାମଣ୍ଡପ କରାଯାଇଥିବାବେଳେ ଓଏସ୍‌ଏପି ତୃତୀୟ ବାଟାଲିଆନ ପକ୍ଷରୁ ଓଏମପି ପଡ଼ିଆଠାରେ , ଇଣ୍ଡିଆନ ରିଜର୍ଭ ବାଟାଲିଆନ ପରିସରରେ , କୋରାପୁଟ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ହାଟପଦାଠାରେ, ଡିଏନକେସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ୭ ଟି ସ୍ଥାନରେ ମାଙ୍କୁ ଆବାହାନ କରାଯାଇ ପୂଜା ଆରମ୍ଭ ହୋଇଛି। ଏହି ପୂଜାନେଇ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ , ମିଠା ଓ ଫଳ ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଚଳିତ ବର୍ଷ ଏହି ପୂଜା ମଣ୍ଡପ ପକ୍ଷରୁ ବ୍ରହ୍ମପୁର, କଟକ, ଜୟପୁରର ମନୋରଞ୍ଜନ ଦଳ ସହିତ ବିଭିନ୍ନ ସାଂସ୍କୃତିକ ଦଳମାନ ସେମାନଙ୍କର କାର୍ଯ୍ୟକ୍ରମ ପରିବେଶଣ କରିବେ ବୋଲି ଜଣାପଡ଼ିଛି। ସେହିପରି ଓଏମପିସ୍ଥିତ ତୃତୀୟ ବାଟାଲିଆନ ପକ୍ଷରୁ ଚଳିତ ବର୍ଷ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଜୟପୁର ଆକାଶବାଣୀକୁ ମିଳିବ ଦୁଇଟି ଜାତୀୟସ୍ତର ପୁରସ୍କାର

**ଜୟପୁର,୧୫।୧୦(ଡି.ଏନ.ଏ.)**

କୋରାପୁଟ ଜିଲା ଜୟପୁରସ୍ଥିତ ଆକାଶବାଣୀ କେନ୍ଦ୍ରକୁ ଜାତୀୟସ୍ତରରେ ଦୁଇଟି ପୁରସ୍କାର ମିଳିବ । ଏଥିନେଇ ଶନିବାର ସନ୍ଧ୍ୟାରେ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଆକାଶବାଣୀ ଜୟପୁର କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ଗର୍ଭବତୀ ମହିଳା ଓ ନବଜାତକଙ୍କୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ମାଗଣା ଟୀକାକରଣକୁ ଏକ କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁ' ଏହି କେନ୍ଦ୍ରରେ ପ୍ରସାରଣ କରାଯାଇଥିଲା। ସ୍ଥାନୀୟ ଆଦିବାସୀ ଭାଷାରେ ପ୍ରସ୍ତୁତ ୯ ମିନିଟ ବିଶିଷ୍ଟ ଉକ୍ତ କାର୍ଯ୍ୟକ୍ରମ ଶ୍ରେଷ୍ଠ ବିବେଚିତ ହୋଇଛି। ଏହାର ରଚନା ଏବଂ ପ୍ରସ୍ତୁତି ସ୍ଥାନୀୟ ଆକାଶବାଣୀର କାର୍ଯ୍ୟକ୍ରମ ସମ୍ପାଦକ ଜଗଦିଶ ଅଧିକାରୀ କରିଛନ୍ତି। ସଂଗୀତ ନିର୍ଦ୍ଦେଶନାରେ ଆକାଶବାଣୀ କେନ୍ଦ୍ରର ବିଜୟ ସାମନ୍ତରାୟ ରହିଥିବାବେଳେ ରଞ୍ଜନ କୁମାର ବେହେରା ସହଯୋଗିତା କରିଥିଲେ। ପ୍ରଶାନ୍ତ ସାମନ୍ତରାୟ କଣ୍ଠଦାନ କରିଛନ୍ତି। ବାଦ୍ୟଯନ୍ତ୍ରରେ ଉମେଶ ପାଣିଗ୍ରାହୀ, ସ୍ୱାଧିନ ବିଶ୍ୱାସରାୟ ଏବଂ ଉଦ୍‌ଘୋଷକ ଭାବେ ମନୋଜ ସାମନ୍ତରାୟ ରହିଥିଲେ । ସେହିପରି ଜାତୀୟ ସଂହତି ଉପରେ ଆଧାରିତ କାର୍ଯ୍ୟକ୍ରମ 'କାହାକୁ ନ ମଣିବ ପର'କୁ ସାର୍ଟିଫିକେଟ ଅଫ ମେରିଟ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଏହାକୁ ରଚନା ଓ ପ୍ରସ୍ତୁତି ବରିଷ୍ଠ ଉଦ୍‌ଘୋଷକ ରଞ୍ଜନ ବେହେରା କରିଛନ୍ତି । ଏହି ପୁରସ୍କାର ଆସନ୍ତା ଜାତୀୟସ୍ତର କାର୍ଯ୍ୟକ୍ରମ ଅବସରରେ ପ୍ରଦାନ କରାଯିବ।

# ମାନସିକ ପୂରଣ ପାଇଁ ଜୟ ଭବାନୀ ବ୍ରତ



ମା' ଭବାନୀଙ୍କ ବ୍ରତ ରଖିଥିବା ମାନସିକଧାରୀମାନେ।

**କୋରାପୁଟ/ଅନକାଡେଲି, ୧୫/୧୦(ସ୍ୱ.ପ୍ର)**

ମାନସିକ ପୂରଣ ପାଇଁ ଜୟ ଭବାନୀ ବ୍ରତ ପାଳନ କରାଯାଇଥାଏ। ଆଶ୍ୱିନ ମାସରେ ୨୧ ଦିନ ଧରି ଏହି ବ୍ରତ ପାଳନ କରାଯାଇଥାଏ। ଦିନକୁ ଭିକ୍ଷା ସହ ଦୁଇଓଳି ଜଳଖିଆ ଖାଇବା ସହ ଦୁଇଥର ଗାଧୋଇବା, ଦୁଇଥର ଦାନ୍ତ ଘସିବା ଭଳି ଅନେକ ନିୟମ ରହିଛି । ଏହିପରି ବ୍ରତ କୋରାପୁଟ ଜିଲାର ଲମତାପୁଟର ଅନକାଡେଲିଠାରେ ଗତ ୧୦ବର୍ଷ ଧରି ପାଳିତ ହୋଇଆସୁଥିବାବେଳେ ଚଳିତ ବର୍ଷ ୧୧ ଜଣ ଏହି ବ୍ରତ ରଖିଥିବା ଜଣାପଡ଼ିଛି। ଏହି ବ୍ରତପାଳନ କଲେ ଘରଠାରୁ ଅଲଗା ରହିବାକୁ ପଡ଼େ। ସେଠାରେ ବଡି ଭୋରରୁ ଗାଧୋଇବା ସହ ପୂଜା ଅର୍ଚ୍ଚନା କରାଯାଇଥାଏ। ଗତ ସେପ୍ଟେମ୍ବର ୨୮ ତାରିଖରୁ ବିଶାଖାପାଟଣାର ଦୁର୍ଗା ମନ୍ଦିରଠାରେ ପୂଜା ଅର୍ଚ୍ଚନା କରିବା ପରେ ମାଳ ପିନ୍ଧି ଏହି ବ୍ରତ ଆରମ୍ଭ କରାଯାଇଥାଏ। ୨୧ ଦିନ ପରେ ଆନ୍ଧ୍ରର ବିଜୟାୱାଡାର କନକ ଦୁର୍ଗା ମନ୍ଦିରରେ ଏହି ମାଳା ବିସର୍ଜନ ପରେ ବ୍ରତ ସମ୍ପୂର୍ଣ୍ଣ ହେବ ବୋଲି ଗୁରୁ ଭବାନି ବି. ରାମାରାଓ ପ୍ରକାଶ କରିଛନ୍ତି । ଏହି ବ୍ରତ କଲେ ମାଁ ଭବାନୀଙ୍କ ମିଳେ ବୋଲି ବିଶ୍ୱାସ ରହିଛି।

# ଗାଁ କୁ ରାସ୍ତା ତିଆରି କଲେ ରଙ୍ଗବନ୍ଧବାସୀ



ରଙ୍ଗବନ୍ଧ ଗ୍ରାମବାସୀ ରାସ୍ତାକାମ କରୁଛନ୍ତି।

**ଶୁଣିଲାନି ପ୍ରଶାସନ**

**କୋରାପୁଟ/ନାରାୟଣପାଟଣା, ୧୫।୧୦(ସ୍ୱ.ପ୍ର/ଡି.ଏନ୍.ଏ.)**

ଗାଁ କୁ ନାହିଁ ପକ୍କା ରାସ୍ତା। ଫଳରେ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ। ହେଲେ କିଛି ସୁଫଳ ମିଳିଲାନି । ନିଜେ କେମିତି ସୁବିଧାରେ ଯାତାୟାତ କରିବେ ସେଥିଲାଗି ଗ୍ରାମବାସୀ ଏକାଠି ହେଲେ । ନିଜ ଗାଁର ରାସ୍ତା ନିଜେ ତିଆରି କରିବା ପାଇଁ ନିଷ୍ପତ୍ତି ନେଲେ। ସୋମବାର ଶତାଧିକ ଗ୍ରାମବାସୀ ପାହାଡ଼ିଆ ଜମିକୁ ସମତଳ କରିବା ସହ ରାସ୍ତା ନିର୍ମାଣ କରିଛନ୍ତି । ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ରଙ୍ଗବନ୍ଧ ଗ୍ରାମରେ । ନାରାୟଣପାଟଣା ବ୍ଲକ ସଦର ମହକୁମାଠାରୁ ମାତ୍ର ୨ କିମି ଦୁରରେ ରହିଛି ଏହି ଗାଁ। ଗାଁ କୁ ଖଣ୍ଡିଏ ରାସ୍ତା ନାହିଁ । ରାସ୍ତା ନେଇ ଗ୍ରାମବାସୀ ବାରମ୍ବାର ଗୁହାରି କଲେ। ହେଲେ ସେମାନଙ୍କ କଥାକୁ କେହି ଶୁଣିଲେ ନାହିଁ । ଏମିତି କି ଗତ ଜୁନ ୧୩ ତାରିଖରେ ନାରାୟଣପାଟଣାରେ ଆୟୋଜିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଗ୍ରାମବାସୀ ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାସ୍ତା ନିର୍ମାଣ ଶୀଘ୍ର ଆରମ୍ଭ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଇତିମଧ୍ୟରେ ୪ମାସ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା କାମ ଆରମ୍ଭ ହୋଇ ନାହିଁ। ତେଣୁ ଗ୍ରାମବାସୀ ବାଧ୍ୟ ହୋଇ କୋଡି କୋଦାଳ ଧରି ପାହାଡିଆ ଜମିକୁ ସମତଳ କରି ରାସ୍ତା କାମ ଆରମ୍ଭ କରିଛନ୍ତି।

## କୋରାପୁଟ ଷ୍ଟାଡିୟମରେ ପରବ ଭେନ୍ୟୁ ସ୍ଥାନାନ୍ତର ନେଇ ଜିଲାପାଳଙ୍କୁ ଦାବିପତ୍ର

**କୋରାପୁଟ,୧୫।୧୦(ସ୍ୱ.ପ୍ର)**

କୋରାପୁଟ ଷ୍ଟାଡିୟମଠାରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ପରବର ମୁଖ୍ୟ ସମାରୋହ କରା ନ ଯାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନେଇ ସୋମବାର କୋରାପୁଟ ସହରର ବହୁ କ୍ରୀଡ଼ାପ୍ରେମୀ ଓ ଯୁବକମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଚିତରଞ୍ଜନ ବାଘ, କେ.ପି ମାଝି, ମନୋରଞ୍ଜନ ରାଉତରାୟ, ରାଜେଶ ଯାଦବ , କେ.ସି ଦୋରା ପ୍ରମୁଖ ଉପସ୍ଥିତ ଥିଲେ। କ୍ରିଡା ବିଭାଗ ଦ୍ୱାରା ୮୦ ଲକ୍ଷ ଟଙ୍କା ବ୍ୟୟରେ ଚଳିତ ବର୍ଷ ଷ୍ଟାଡିୟମ ସମତୁଲ କରାଯାଇ ଘାସ ଲଗାକାର୍ଯ୍ୟ ଚାଲିଥିବାବେଳେ ଏଠାରେ ପରବ ଉତ୍ସବ ପାଳନ କରାଗଲେ ଏସବୁ ନଷ୍ଟ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।



# ନଦୀରେ ଭାସି ଯାଇ ମହିଳାଙ୍କ ମୃତ୍ୟୁ

**ପାତ୍ରପୁର,୧୫।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଭୀମପୁର ଗ୍ରାମରେ ସୋମବାର ନଦୀରେ ଭାସି ଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପ୍ରିୟଙ୍କା ପଣ୍ଡା (୨୦)। ପ୍ରିୟଙ୍କା ଚିକିଟିସ୍ଥିତ କୋଳଥିଆ ଗ୍ରାମରେ ବିବାହ କରିଥିଲେ। ଯାତ୍ରା ଚାଲିଥିବାରୁ ନିଜ ବାପଘର ଭୀମପୁର ଗ୍ରାମକୁ କିଛିଦିନ ହେଲା ଆସିଥିଲେ । ଗାଧୋଇବା ପାଇଁ ନଦୀକୁ ଯାଇ ଗୋଡ଼ ଖସି ଭାସି ଯାଇଥିଲେ । ପରେ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏନେଇ ଜରଡ଼ା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଦେଇଛି।

# ଶହୀଦ ସ୍ମୃତି ସମାରୋହ



ସମାରୋହରେ ଶହୀଦଙ୍କ ସ୍ମୃତିଚାରଣ କରାଯାଉଛି।

**ଅମ୍ବାଦଳା, ୧୫।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦୋଳାଠାରେ ଶହୀଦ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ଅମ୍ବାଦୋଳା ଆଇଆଇସି ବନ୍ଦନା ନାୟକ, ଅମ୍ଳଭଟ୍ଟା ସରପଞ୍ଚ ତ୍ରିପତି ମିର୍ଦ୍ଧା, ଇନ୍ଦିରା ଗାନ୍ଧୀ ହାଇସ୍କୁଲର ପରିଚାଳନା କମିଟି ସଭାପତି ତ୍ରିନାଥ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶହୀଦ ସଞ୍ଜୟ ମାଝିଙ୍କ ପରିବାର ଲୋକେ ଯବାନଙ୍କ ସ୍ମୃତି ସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପାର୍ଥନା କରାଯାଇଥିଲା। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ସଭା ଗୃହରେ ଆୟୋଜିତ ଉତ୍ସବରେ ଦେଶପ୍ରତି ବଳିଦାନ ଦେବା କେତେ ଯେ ମହାନ ତାହା ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ତରୁଣ କୁମାର ରାଉତ ପରିଚାଳନା କରିଥିଲେ।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କୋଲନରା, ୧୫।୧୦(ଡି.ଏନ୍.ଏ)**

ରାୟଗଡା ଜିଲା କୋଲନରା ବ୍ଲକ୍‌ର କୈଳାଶପୁର ହାଇସ୍କୁଲଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ 'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲାଲ୍‌ବିହାରୀ ହିମିରିକା ମୁଖ୍ୟ ଅତିଥି, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଜିଲା ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ଖଦି ବୋର୍ଡ ସଭ୍ୟ ପୃଥ୍ୱୀରାଜ ସାହୁ, ଏମ୍‌ପି ପ୍ରତିନିଧି ବି.ତିରୁପତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା କଣ୍ଡାଗରୀ, ଉପାଧ୍ୟକ୍ଷ ତେଜରାଜ ନାଗ, ବିଡିଓ ତାପସ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଡିଓ କେ.ଶିବ ଗୋପାଳ ରାଓ ମଞ୍ଚ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଏହି ଅବସରରେ ବିଜୁ ବାବୁଙ୍କ ଉପରେ ପ୍ରାମାଣିତ ତୈଳଚିତ୍ର ସହିତ ଯୁବକମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ, ଏକାକିକା ପରିଦର୍ଶନ କରାଯାଇଥିଲା । ଏଥିରେ ଜିଲା ପରିଷଦ ସଭ୍ୟ ସୋମୀ ହିମିରିକା ପ୍ରମୁଖ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀ ବ୍ଲକ୍ କୋଡିନେଟର ଯୋଗେନ୍ଦ୍ର ଚିନ୍ତାଡା ଓ ବିଜୁ ଯୁବ ବାହିନୀ ସହାୟତାରେ ଅନୁଷ୍ଠିତ ହୋଇଥିଲା ।

# କାଳିମେଳା: ୨୪ ଅଭିଯୋଗ ଶୁଣିଲେ ଜିଲାପାଳ

କାଳିମେଳା,୧୫।୧୦(ଡି.ଏନ.ଏ)

କାଳିମେଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ମନୀଶ ଅଗ୍ରୱାଲ ମୋଟ ୨୪ଟି ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସପି ଚିନ୍ମୟ କୁମାର ନାୟକ, ବିଡିଓ ଉମା ଶଙ୍କର ଦଳାଇ, ବ୍ଲକ ଅଧ୍ୟକ୍ଷ ମାଳା ମାଢ଼ୀ,ଏଡିଏମଓ ଶଶିଭୂଷଣ ମହାପାତ୍ର, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ପ୍ରମିଳା ଦାସ, ତହସିଲଦାର ସନତ କୁମାର ନାୟକ, ବିଇଓ ଗଙ୍ଗାଧର ପଟ୍ଟନାୟକ, ଥାନା ଅଧିକାରୀ ଅଜିତ ସ୍ୱାଇଁଙ୍କ ସମେତ ବ୍ଲକ ଓ ଜିଲା ସ୍ତରର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ବିକାଶ ନିମନ୍ତେ ନିର୍ମାଣ କରାଯାଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ରାସ୍ତା ଅତି ନିମ୍ନମାନର ହେଉଥିବା ଲୋକମାନେ ଅଭିଯୋଗ କରିଥିଲେ । ଏଥିସହ ଭେଙ୍କଟାପଲମ ପଞ୍ଚାୟତର ଏମଭି-୧୩୦ ଓ ଏମପିଭି-୩୦ ଏମଜିଏନଆରଜିଏସ ଯୋଜନାରେ କାମ କରିଥିବା ଲୋକମାନଙ୍କୁ ଏଯାଏ ମଜୁରି ମିଳି ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ଶୁଣାଣିରେ ଅଭିଯୋଗ ହୋଇଥିଲା। କାଳିମେଳା ବ୍ଲକ ଏମଭି-୧୦୭ ବିଦ୍ୟାଳୟର ଶିକ୍ଷକ ମିଳନ ଢାଲି ଏମପିଭି-୭୫ ଗ୍ରାମର ୨୦ରୁ ଅଧିକ ପରିବାରରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚିଟଫଣ୍ଡ କମ୍ପାନୀରେ ବାନ୍ଧି ଲୋକମାନଙ୍କୁ ଫେରସ୍ତ କରୁ ନ ଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଇନ୍ଦିରା ଆବାସ, ରାସ୍ତା, ମେଡିକାଲ ସମସ୍ୟା ଉପରେ ଅଭିଯୋଗ ଆସିଥିଲା ।



ପଦ୍ମଗିରି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପଲିଥିନ୍ ବର୍ଜନ ପାଇଁ ଶପଥ ନେଉଛନ୍ତି।

# ପଲିଥିନ୍ ବର୍ଜନ ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

ମାଲକାନଗିରି,୧୫।୧୦(ଡି.ଏନ.ଏ)

ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ମଙ୍ଗଳବିଭାଗ ଉଚ୍ଚ ବିଦ୍ୟାଳୟର ୮ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଲିଥିନି ବର୍ଜନ ପାଇଁ ଶପଥ ନେଇଛନ୍ତି । ଆବାସିକ ଛାତ୍ରୀଛାତ୍ରବାସରେ ରହୁଥିବା ଏହି ଛାତ୍ରୀଛାତ୍ରମାନେ ରବିବାର ଦଶହରା ଛୁଟିରେ ନିଜ ଘରକୁ ଯିବା ପୂର୍ବରୁ ପଲିଥିନ ବର୍ଜନ ପାଇଁ ଶପଥ ନେବା ସହ ନିଜ ନିଜ ଗ୍ରାମରେ ପଲିଥିନ ବର୍ଜନ କରିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଇବେ ବୋଲି ପ୍ରକାଶ କରିଛନ୍ତି। ପଲିଥିନ ବ୍ୟବହାର ଦ୍ୱାରା ଜୀବଜଗତ ଏବଂ ପ୍ରାଣୀଜଗତର କ୍ଷତି, ପରିବେଶ ନଷ୍ଟ, ଗୋ ସମ୍ପଦ ଉପରେ ଏହାର କୁପ୍ରଭାବ, ମାଟିର ଉର୍ବରତା ନଷ୍ଟ ସମ୍ପର୍କରେ ଛାତ୍ରୀଛାତ୍ରମାନେ ସଚେତନ କରାଇବେ । ଛାତ୍ରୀଛାତ୍ରମାନଙ୍କ ଏପରି ନିଷ୍ପତ୍ତିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଖୁସି ପ୍ରକାଶ କରିଛନ୍ତି।

# ୧କୁଇଣ୍ଟାଲ ଗଞ୍ଜେଇ ଜବତ: ୩ ଗିରଫ

ମାଲକାନଗିରି/କାଳିମେଳା, ୧୫।୧୦(ଡି.ଏନ.ଏ)

ମାଲକାନଗିରି ଜିଲା ଓର୍‌କେଲ ପୋଲିସ ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏଥିରେ ବ୍ୟବହୃତ ଏକ କାର ସହ ୧ କୁଇଣ୍ଟାଲ ୫ କେଜି ଗଞ୍ଜେଇ ଜବତ ହୋଇଛି । ଏଥିସହ ନଗଦ ଏକ ଲକ୍ଷ ଟଙ୍କା ଏବଂ ୩ଟି ମୋବାଇଲ ଫୋନ୍ ପୋଲିସ ଜବତ୍ କରିଛି । ଗିରଫ ବ୍ୟକ୍ତି ମାନେ ହେଲେ ତେଲେଙ୍ଗାନା ରାଜ୍ୟ ନାଲଗୁଣ୍ଡା ଜିଲା ରାଉଡ ଗ୍ରାମର ଲିଙ୍ଗା ରେଡ୍ଡି(୨୮) , ୱାରେଙ୍ଗଲ ଜିଲା ଜ୍ୟୋତିବସୁ ନଗରର କ୍ରିଷ୍ଣା ଭିର୍‌ଗାନି (୪୦) ଓ ମାଲକାନଗିରି ଜିଲା କାଳିମେଳା ଥାନା କାଳିମେଳା ଗ୍ରାମର ସ୍ୱର୍ଗତ ଗୌତମ ବନିକ୍‌ଙ୍କ ସ୍ତ୍ରୀ ଗାଙ୍ଗି ମାଡକାମି (୩୫)। ରବିବାର ଅପରାହ୍ନରେ ଓର୍‌କେଲ ଥାନା ଏସଆଇ ରବିନାରାୟଣ ବେହେରା ଏବଂ ପୋଲିସ କର୍ମଚାରୀମାନେ ନୂଆଗୁଡା ରାସ୍ତାରେ ଗାଡିମୋଟର ଯାଞ୍ଚ କରୁଥିବା ସମୟରେ ଉପରୋକ୍ତ କାରକୁ ଧରିଥିଲେ। କେସ୍ ନଂ.୧୧୧/୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ସୋମବାର ଅନୁଯାୟୀ କୋର୍ଟଚାଲାଣ କରାଯାଇଛି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ

## ସଂକ୍ଷେପରେ

### ମିଥ୍ୟା ଏନ୍‌କାଉଣ୍ଟରର ଉଚିତ୍ ଜବାବ୍ ଦେବୁ: କୌଳାସମ୍

**ମାଲକାନଗିରି,୧୫।୧୦(ଡି.ଏନ.ଏ):** ଏକ ତେଲୁଗୁ ଭାଷାର ଅଡ଼ିଓ ଟେପ୍‌ରେ ମାଓବାଦୀ ନେତା କୌଳାସମ୍ ଯବାନମାନଙ୍କ ଉଦ୍ଦେଶ୍ୟରେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ପୋଲିସର ମିଥ୍ୟା ଏନକାଉଣ୍ଟରର ଉଚିତ୍ ଜବାବ୍ ସମୟାନୁସାରେ ମିଳିବ। ଅସୁସ୍ଥ ଅବସ୍ଥାରେ ବିଶ୍ରାମ ନେଉଥିବା କମ୍ରେଡ୍ ମୀନାଙ୍କୁ ଗତ ୧୦ ତାରିଖରେ ପୋଲିସ କାବୁ କରି ନେଇ ବିଚ୍ଛିନ୍ନାଞ୍ଚଳରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲା। ୧୨ରେ ତାଙ୍କୁ ଗୁଳିକରି ହତ୍ୟା କରି ଗଣମାଧ୍ୟମରେ ଏନ୍‌କାଉଣ୍ଟରରେ ମୀନାଙ୍କ ମୃତ୍ୟୁ ଘଟିଥିବା ମିଥ୍ୟା ପ୍ରଚାର କରୁଛି। ଆନ୍ଧ୍ର ପ୍ରଦେଶରେ ଆର୍‌କୋ ବିଧାୟକଙ୍କୁ ପ୍ରଜାକୋର୍ଟରେ ମାଓବାଦୀ ହତ୍ୟା କରିଥିବା ଘଟଣାରେ ପ୍ରତିକ୍ରିୟାଶୀଳ ହୋଇ ଓଡିଶା ପୋଲିସ ସହାୟତାରେ ଆନ୍ଧ୍ର ପୋଲିସ ଏପରି ଅମାନୁସିକ କାର୍ଯ୍ୟ କରୁଥିବା କୌଳାସମ ଅଭିଯୋଗ କରିଛନ୍ତି। ଗୁରୁପ୍ରିୟା ସେତୁ ନର୍ମାଣ କରି ସ୍ୱାଭିମାନ କଥା କୁହାଯାଉଥିବା ବେଳେ ଏହି ଅଞ୍ଚଳବାସୀଙ୍କୁ ମାଓବାଦୀଙ୍କ ନାମରେ ନିର୍ଯାତନା ମିଳୁଛି ବୋଲି ସେ କହିଛନ୍ତି।

## ୫ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ମାନ୍ୟତା


ପଞ୍ଚାୟତ ବୈଠକରେ ଉପସ୍ଥିତ ଗ୍ରାମବାସୀ।

**ମାଲକାନଗିରି,୧୫।୧୦(ଡି.ଏନ.ଏ)**

ମାଲକାନଗିରି ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ ସମେତ ୫ଟି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଜିଲା ପ୍ରଶାସନ ମାନ୍ୟତା ଦେଇଛି। ଜିଲା ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଏନେଇ ସୂଚନା ଦେଇ କହିଛନ୍ତି ଯେ, ଗୋରାଖୁଣ୍ଟା ସହ ଜିଲାର ଚାଲାଣଗୁଡା, ଭେଙ୍କେଟ୍‌ପାଲ୍, କୁଷୁମ୍‌ପୁଟ, ଦଳପତିଗୁଡା, ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଗ୍ରହଣ କରାଯାଇଛି। ଏହି ଅବସରରେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପଞ୍ଚାୟତସ୍ତରୀୟ ଏକ ବୈଠକ ପଡିଆମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବାଲାଜୀ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ଦେବେ ମାଢ଼ି, ସମିତି ସଭ୍ୟା ଭାରତୀ ରୁପେ , ପିଇଓ ଅଶୋକ ସରକାର, ପ୍ରାଣୀ ଚିକିତ୍ସା ଅଧିକାରୀ ଖୋକନ୍ କୁମାର ମଣ୍ଡଳ , କୃଷି ଅଧିକାରୀ ସୁଦେବ ଚନ୍ଦ୍ର ରାୟ, ମହିଳା ସ୍ୱାସ୍ଥ୍ୟକର୍ମୀ ଅଗ୍ନି ବାରିକ, ସୁପରଭାଇଜର ସୁକାନ୍ତି ମାଢ଼ି, ଓଡିଶା ଜୀବିକା ମିଶନ ସଂଯୋଜକ ଦେବାନ୍ତର ଜିମ୍ମି, ଗ୍ରାମ କୃଷି କର୍ମଚାରୀ ଗୋପାଳ କୃଷ୍ଣ ତ୍ରିପାଠୀ, ସିଆରସିସି ରିତ୍ ମାଢ଼ି, ଷ୍ଟାଣ୍ଡିଂ କମିଟିର ପରାମର୍ଶଦାତା ଦୁର୍ଗା ତ୍ରିପାଠୀ, ଦୁର୍ଯ୍ୟୋଧନ ପାତ୍ର , ପଞ୍ଚାୟତର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ୱାର୍ଡ ମେମ୍ବରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ୱାର୍ଡରେ ବସବାସ କରୁଥିବା ପରିବାରଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ପାଇଁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ଯୋଜନାରେ ବରାଦ୍ ହୋଇଥିବା ଅର୍ଥ କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ଏବଂ ପ୍ରତ୍ୟେକ ଗ୍ରାମରେ ଜୀବନ ଜୀବିକାର ଉନ୍ନତି ହୋଇ ଲୋକଙ୍କ ଆର୍ଥିକ ମାନର ବିକାଶ ହୋଇପାରିବ ସେ ନେଇ ଉପସ୍ଥିତ ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ମତାମତ ଦେଇଥିଲେ ।

# ପୋଲ ତଳକୁ ଖସିଲା ବସ୍


ପୋଲତଳକୁ ଓଲଟି ପଡିଥିବା ବସ।


ଆହତମାନଙ୍କୁ ଚିକିତ୍ସା କରାଯାଉଛି।

## ୩୦ ଆହତ

**ମାଥିଲି/ଗୋବିନ୍ଦପାଲି/ଖଇରପୁଟ, ୧୫।୧୦(ଡି.ଏନ୍.ଏ)**

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ଫାଣ୍ଡି ନିକଟ କଲୋନୀ ଛକଠାରେ ସୋମବାର ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ପୋଲ ଉପରେ ଭାରସାମ୍ୟ ହରାଇ ବସ୍‌ଟି ପୋଲ ପାର୍ଶ୍ୱରେ ଥିବା ଗଛରେ ପିଟି ହୋଇ ତଳକୁ ଖସିପଡିଛି। ଫଳରେ ବସ୍‌ରେ ଥିବା ୩୦ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଦମକଳ ବାହିନୀ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋବିନ୍ଦପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ ରହିଥିବା ଜଣାପଡିଛି। ବସ୍ ଏକ ପାର୍ଶ୍ୱକୁ ଢଳିପଡୁଥିବା ବେଳେ ହେଲପର ବସ୍‌ରୁ ଡେଇଁବାକୁ ଚେଷ୍ଟା କରି ତାଙ୍କ ଗୋଡ ଛିଣ୍ଡିଯାଇଛି। ତାଙ୍କୁ ଉଦ୍ଧାର କରି କୋରାପୁଟ ସ୍ଥାନାନ୍ତର କରାଯାଇଛି।

କେତେକ ଯାତ୍ରୀଙ୍କ କହିବା ଅନୁଯାୟୀ, ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଜୟପୁରରୁ ଚିତ୍ରକୋଣ୍ଡା ଅଭିମୁଖେ ମହାବାହୁ ନାମକ ବସ୍ (ଏପି ୩୫ ୟୁ- ୭୮୮୮) ଯାଉଥିଲା। ପୂର୍ବରୁ ଡ୍ରାଇଭର ମଦ୍ୟପାନ କରିଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଗାଡି ନ ଚଳାଇବାକୁ କହିବା ସତ୍ତ୍ୱେ ଡ୍ରାଇଭର ଶୁଣି ନ ଥିଲେ। ଗୋବିନ୍ଦପାଲି ଛକରେ କିଛି ସମୟ ବସ୍ ରହିବା ପରେ ଚିତ୍ରକୋଣ୍ଡା, ବାଲିମେଳା, ଖଇରପୁଟ ଆଦି ସ୍ଥାନକୁ ଯିବାକୁ ବସ୍‌ରେ ଯାତ୍ରୀ ଚଢିଥିଲେ। ଗୋବିନ୍ଦପାଲି ଫାଣ୍ଡି ଅତିକ୍ରମ କରି ପୋଲ ନିକଟରେ ବସ୍‌ଟି ଏକ ଗଛରେ ପିଟି ହୋଇ ପୋଲ ତଳକୁ ଖସିପଡିଥିଲା। ଦୁର୍ଘଟଣାର ତଦନ୍ତ ଚାଲିଥିବା ମାଥିଲି ଥାନା ଆଇଆଇସି ଜନ୍ ଖୁଜୁର କହିଛନ୍ତି।

- **ଆହତଙ୍କ ମଧ୍ୟରେ ରହିଛନ୍ତି ଅଧିକାଂଶ ଶିଶୁ**
- **ମଦ୍ୟପାନ କରି ଡ୍ରାଇଭର ଚଳାଉଥିଲେ ବସ୍**
- **ଯାତ୍ରୀଙ୍କ ବାରଣ ସତ୍ତ୍ୱେ ଶୁଣି ନ ଥିଲେ**




## ଦେଶଦ୍ରୋହୀ ଯବାନଙ୍କୁ ଗିରଫ କଲା ବସ୍ତର ପୋଲିସ

**ମାଲକାନଗିରି, ୧୫।୧୦(ଡି.ଏନ.ଏ)**

ଓଡିଶା ସୀମାନ୍ତ ଛତିଶଗଡ ବସ୍ତର ଜିଲାର କାଶୋଲି କ୍ୟାମ୍ପରୁ ଜଣେ ଦେଶଦ୍ରୋହୀ ଯବାନଙ୍କୁ ପୋଲିସ ଗିରଫ କରିଛି । ତାଙ୍କ ନାମ ରାଜୁ କୁଜୁରୁ। ସେ ମାଓବାଦୀ ମୁକାବିଲା ଏବଂ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା ପାଇଁ କାଶୋଲି ପୋଲିସ କ୍ୟାମ୍ପରେ ନିୟୋଜିତ ଥିଲେ। ଦେଶଦ୍ରୋହୀ କାମ କରି ପୋଲିସ ହାତରେ ଧରା ପଡିବା ପରେ ତାଙ୍କୁ ଗିରଫ କରାଯାଇଛି। ଯବାନ କୁଜୁରୁ ରାତିରେ ନିଜ ବେଡ୍ ରୁମ୍‌ରୁ କୌଶଳ କ୍ରମେ ଲୁଚି କରି ଯାଇ ମାଓବାଦୀମାନଙ୍କୁ କ୍ୟାମ୍ପରେ ଥିବା ବନ୍ଧୁକ ଏବଂ ଗୋଳାବାରୁଦ ଯୋଗାଉଥିଲେ । ସୁରକ୍ଷା କର୍ମୀଙ୍କ ବଳୟରେ ଥିବା ତାର ବାଡ ଅତିକ୍ରମ କରି ସେ ଏହି ସବୁ ସାମଗ୍ରୀ ଯୋଗାଇ ମାଓବାଦୀଙ୍କ ଠାରୁ ଅଧିକ ଅର୍ଥ ଉପାର୍ଜନ କରୁଥିବା ଏକ ଭିଡିଓ ଭାଇରାଲରୁ ସ୍ପଷ୍ଟ ହୋଇଛି। ତେବେ ଏ ନେଇ ବସ୍ତର ପୋଲିସ କିମ୍ବା ଗିରଫ ଯବାନଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।



# ଜଙ୍ଗଲକୁ ନେଇ ଗୋଷ୍ଠୀ ସଂଘର୍ଷ

**ଧୋଡ୍ରା, ୧୫।୧୦(ଡି.ଏନ୍.ଏ.)**

- ୨ ଗ୍ରାମର ୨୦ ଆହତ
- ଉଭୟ ପକ୍ଷରୁ ଡାବୁଗାଁ ଥାନାରେ ଏତଲା

ଜଙ୍ଗଲକୁ ନେଇ ଝରିଗାଁ ବ୍ଲକ ବିଜାପୁର ଓ ମାଝିଗୁଡା ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ଗ୍ରାମର ୨୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଉମରକୋଟ ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସିତ କରାଯାଉଥିବା ସୂଚନା ମିଳିଛି। ଉଭୟପକ୍ଷ ଡାବୁଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ନବରଙ୍ଗପୁର ମୁଖ୍ୟ ରାସ୍ତା ବିଜାପୁର ନିକଟରେ ପ୍ରାୟ ୪୦ରୁ ୫୦ ଏକର ଗ୍ରାମ୍ୟ ଜଙ୍ଗଲ ରହିଛି। ଏହି ଜଙ୍ଗଲକୁ ବିଜାପୁର ଗ୍ରାମବାସୀ ସୁରକ୍ଷା ଦେଇ ଆସୁଛନ୍ତି। କିନ୍ତୁ ମାଝିଗୁଡା ଗ୍ରାମବାସୀ ଉକ୍ତ ଜଙ୍ଗଲରୁ କାଠ ଚୋରି କରି ନେଉଥିବା ଅଭିଯୋଗ ହୋଇଥିଲା । ଏ ନେଇ ବିଜାପୁର ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ମାଝିଗୁଡା ଗ୍ରାମର ଜଣେ ଲୋକ କାଠ କାଟୁଥିବା ବେଳେ ବନ ବିଭାଗ ହାତରେ ଧରା ପଡିଥିଲା। ତାଙ୍କଠାରୁ ଆକାଶିଆ, ନିଳଗିରି ଗଛ ସହ ପାଞ୍ଚଟି ଚାକୁଣ୍ଡା ଓ ଦୁଇଟି ଶାଗୁଆନ ଗଛ ବନ ବିଭାଗ ଜବତ କରିଥିଲା। ଏଥିରେ ମାଝିଗୁଡା ଲୋକେ ଉତ୍ତ୍ୟକ୍ତ ହୋଇ ଜଙ୍ଗଲ ନିକଟକୁ ଯାଇଥିଲେ। ସେଠାରେ ବିଜାପୁର ଗ୍ରାମବାସୀଙ୍କ ସହ ସେମାନେ ମୁହାଁମୁହିଁ ହୋଇଥିଲେ। ଏଥିରେ ଉଭୟ ଗ୍ରାମର ୨୦ ଜଣ ଆହତ ହୋଇଥିଲେ। ମାଝିଗୁଡା ଗ୍ରାମର ବୁଦ୍ଧୁ ଭତ୍ରା, ହଳଧର ଭତ୍ରା, ଦୁଖର ଭତ୍ରା, ବାଲା ମାଝି, ହଳଧର ମାଝି, ପୂର୍ଣ୍ଣ ସିଙ୍ଗି, ମନଭତ୍ରା, ରାଗି ସନ ଭତ୍ରା, ଚମ୍ପା ଭତ୍ରା, ବସୁନ୍ଧି ଭତ୍ରା, ଅନାଦି ଭତ୍ରାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିଜାପୁର ଗ୍ରାମର କୈଳାସ ପୂଜାରୀ, କାଲା ମାଝି, ଦଶରଥ ମାଝି, କୃଷ୍ଣ ଭତ୍ରା, ବିଷ୍ଣୁ ମାଝିଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏଥିରେ ଅନ୍ୟ ଚାରିଜଣ ସାମାନ୍ୟ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଡାବୁଗାଁ ଥାନାରେ ଅଲଗା ଅଲଗା ଏତଲା ଦିଆଯାଇଛି।

## ପାହାଡ଼ ଧସିବା ଘଟଣା: ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି

**ରାୟଗଡ (ଗଜପତି), ୧୫।୧୦(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ଅନ୍ତର୍ଗତ ବାରଘର ଗ୍ରାମରେ ପାହାଡ ଧସିବା ଘଟଣାରେ ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ସୂଚନା ଅନୁଯାୟୀ ଆଉ ୫ଜଣଙ୍କ ମୃତଦେହ ଚିହ୍ନଟ ହୋଇଛି। ମୃତଦେହଗୁଡ଼ିକ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଯାଇଛି। ତେବେ ଏହି ଘଟଣାରେ ୧୫ ଜଣ ପ୍ରାଣ ହରାଇଥିବା ପ୍ରଶାସନ କହିଛି। ଅନ୍ୟପକ୍ଷେ ବିଭିନ୍ନ ପଞ୍ଚାୟତରେ ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବିଦ୍ୟୁତ ସେବା ବ୍ୟାହତ ଯୋଗୁ ସମସ୍ତ ପଞ୍ଚାୟତ ଅନ୍ଧାରରେ ରହିଛି। ଖାଦ୍ୟ ଓ ପାନୀୟଜଳ ପାଇଁ ଲୋକେ ତହଳବିକଳ ହେଉଛନ୍ତି। ବାତ୍ୟାର ୫ଦିନ ପରେ ବି କଇଁପୁର, ଲକ୍ଷ୍ମୀପୁର, ଏଙ୍ଗାରସିଂ ଆଦି ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ରିଲିଫ ଦିଆଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।




## ୮ ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି

**ପାପଡାହାଣ୍ଡି, ୧୫।୧୦(ଡି.ଏନ୍.ଏ.)**


ଜିଲାପାଳଙ୍କ ଗହଣରେ ଦିବ୍ୟାଙ୍ଗ ଦମ୍ପତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ୮ ଜଣଙ୍କୁ ଭିନ୍ନକ୍ଷମ ବିବାହ ପ୍ରୋତ୍ସାହାନ ରାଶି ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ କୁମାର ମିଶ୍ର, ପିଡି ରମାକାନ୍ତ ନାୟକ, ଡିଏସଏସଓ ନାରାୟଣ ବେହେରା, ପିଏଆଇଟିଡିଏ ରଣାକାର ଠାକୁର, ବ୍ଲକ ଅଧକ୍ଷା ସେବତୀ ସାନ୍ତା, ଏଏସ୍‌ପି ହୃଦୟାନନ୍ଦ, ବିଡିଓ ମାତେରାମ ଲେୟାଙ୍ଗି ଓ ବିଏସ୍ଏସ୍ଓ ନଗେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯଦୁ ବିନ୍ଧାଣୀ-ଜୟମଣି ବିନ୍ଧାଣି, ପର୍ଶୁରାମ ସାନ୍ତା-ଡାଳିମ୍ବ ସାନ୍ତା, ସାହେବ ଭତ୍ରା-କୁନି ଭତ୍ରା, ଖଗେସ ହରିଜନ-ପ୍ରଫୁଲ୍ଲ, ପ୍ରତାପ କେଶରୀ ଖଣ୍ଡପାଣି-ସୁଶୀଳା ଖଣ୍ଡପାଣି, ମଧୁସୂଦନ ଭତ୍ରା-ଯମୁନା ଭତ୍ରା, ପିତବାସ ହରିଜନ- ପଙ୍କଜିନୀ, ତିଳ ଭତ୍ରା- ସାବିତ୍ରୀ ଭତ୍ରା ପ୍ରତ୍ୟେକ ଦମ୍ପତିଙ୍କୁ ୫୦ ହଜାର ଟଙ୍କର ସହାୟତା ରାଶି ପ୍ରଦାନ କରାଯାଇଛି।

## ସବୁ ଅଞ୍ଚଳରେ ପହଞ୍ଚିନି ରିଲିଫ୍

**କାଶୀନଗର, ୧୫।୧୦(ଡି.ଏନ୍.ଏ.)**

କାଶୀନଗର ବ୍ଲକ ଏବଂ ଏନ୍ଏସିର ସବୁ ଅଞ୍ଚଳରେ ରିଲିଫ ପହଞ୍ଚି ନ ଥିବା ବେଳେ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ମଧ୍ୟ ସ୍ୱାଭାବିକ ହୋଇପାରିନାହିଁ। ଫଳରେ ଲୋକେ ଦୁର୍ଦ୍ଦଶା ମଧ୍ୟରେ ଶଢୁଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏ. ଆଓ, ରାଜସ୍ୱ ବିଭାଗ ଉପସଚିବ ଆଶୁତୋଷ ସାମଲଙ୍କ ସମୀକ୍ଷା ପରେ ଏହା ସ୍ପଷ୍ଟ ହୋଇଛି । ତୁରନ୍ତ ସବୁ ଅଞ୍ଚଳରେ ବିପନ୍ନମାନଙ୍କୁ ରିଲଫ ଯୋଗାଇଦେବା ଦାବି ନେଇ କାଶୀନଗର ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଅଞ୍ଚଳବାସୀ ସୋମବାର ବିଡିଓ ସୁଧୀର କୁମାର ସିଂ ଏବଂ ରାଜସ୍ୱ ଉପସଚିବଙ୍କୁ ଭେଟି ଆଲୋଚନା କରିଛନ୍ତି । ତୁରନ୍ତ ପଦକ୍ଷେପ ନିଆଯିବାକୁ ରାଜସ୍ୱ ଉପସଚିବ ପ୍ରତିଶ୍ରୁତି ଦେଇଛନ୍ତି। ବାତ୍ୟା ମୁକାବିଲା କ୍ଷେତ୍ରରେ ପ୍ରଶାସନ ବିଫଳ ହୋଇଥିବା ଜନସାଧାରଣ ଅଭିଯୋଗ ଆଣିବା ସହ ବିଭାଗୀୟ କର୍ମଚାରୀମାନଙ୍କୁ ତୁରନ୍ତ ବଦଳି କରିବା ଲାଗି ଦାବି ଦୋହରାଇଛନ୍ତି ।

## ଅସହାୟ ବୃଦ୍ଧଙ୍କ ମୃତ୍ୟୁ

**ଡାବୁଗାଁ,୧୫।୧୦ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସତ୍‌ସଙ୍ଗ ବିହାର ସମ୍ମୁଖ ରାଜ୍ୟ ରାଜପଥ-୩୯ ରାସ୍ତା କଡରେ ଜଣେ ଅସହାୟ ବୃଦ୍ଧଙ୍କ ସୋମବାର ଅପରାହ୍ନରେ ମୃତ୍ୟୁ ହୋଇଯାଇଛି। ପ୍ରାୟ ୧ ମାସ ହେବ ସ୍ଥାନୀୟ ବଜାରରେ ବୃଦ୍ଧ ଜଣଙ୍କ ଭିକ୍ଷା ମାଗି ବୁଲୁଥିଲେ। ସୋମବାର ଅପରାହ୍ନରେ ଉକ୍ତ ବୃଦ୍ଧଙ୍କ ମୃତଦେହ ସତ୍‌ସଙ୍ଗ ବିହାର ନିକଟ ରାସ୍ତାରେ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଲୋକେ ଡାବୁଗାଁ ଥାନାକୁ ଖବର ଦେଇଥିଲେ। ଡାବୁଗାଁ ସରପଞ୍ଚ ଯଶୋଦା ସୌରା ଏ ନେଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବଇନିସ୍ପେକ୍ଟର ରଙ୍କନିଧି ସାହୁ ଓ ଏଏସ୍ଆଇ ସଲମନ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚବତ କରି ବ୍ୟବଚ୍ଛେଦ କରାଇ ଥିଲେ। ଏ ନେଇ ୩୧/୧୮ରେ ଡାବୁଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମହାମାୟୀ ମନ୍ଦିରରେ ନବରାତ୍ର ପୂଜା

**କବିସୂର୍ଯ୍ୟନଗର,୧୫।୧୦**

କବିସୂର୍ଯ୍ୟନଗରସ୍ଥିତ ପ୍ରସିଦ୍ଧ ମା’ ମହାମାୟୀଙ୍କ ନବରାତ୍ର ପୂଜା ଚାଲିଛି । ମନ୍ଦିର କମିଟି ସଭାପତି ଭାସ୍କର ସାହୁ ଓ ସହଧର୍ମଣୀ ବିଷ୍ଣୁପ୍ରିୟା କର୍ତ୍ତା ରୂପେ ଯୋଗ ଦେଇଛନ୍ତି। ଗଙ୍ଗାଧର ରେଜ୍ଞୀ ଓ ବାସୁଦେବ ରଥ ପ୍ରମୁଖ ମା’ଙ୍କ ପୂଜାର୍ଚ୍ଚନା କରୁଛନ୍ତି।

- ମହିଳା ମହାବିଦ୍ୟାଳୟ ପକ୍ଷରୁ ଏନ୍ଏସ୍ଏସ୍ କ୍ୟାମ୍ପ

## ସଚେତନତା ବାର୍ତ୍ତା ଦେଲେ ସ୍ୱେଚ୍ଛାସେବୀ ଛାତ୍ରୀ

**ନବରଙ୍ଗପୁର,୧୫।୧୦( ବି.ପ୍ର.)**



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ନବରଙ୍ଗପୁର ଯୁକ୍ତ ୩ ମହିଳା ମହାବିଦ୍ୟାଳୟ ପକ୍ଷରୁ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ଚାଲିଥିବା ଏନ୍ଏସ୍ଏସ୍ କ୍ୟାମ୍ପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନି ଦିବସରେ ନବରଙ୍ଗପୁର ମହାବିଦ୍ୟାଳୟ ଜିଲା ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଦିଲ୍ଲୀପ ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏନ୍ଏସ୍ଏସ୍‌ର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସରେ ମହିଳା ମହାବିଦ୍ୟାଳୟ ପରିସରରେ ସଫେଇ କରାଯିବା ସହ ପଲିଥିନ ମୁକ୍ତ ସହର ଗଠନ ପାଇ ସ୍ୱେଚ୍ଛାସେବୀ ଛାତ୍ରୀମାନେ ଶପଥ ନେଇଥିଲେ। ଏହି ଅବସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସରେ ଆତ୍ମସୁରକ୍ଷା ତାଲିମ ଦିଆଯାଇଥିଲା। ସେନାଇ ଶରତ କୁମାର ତାଲିମଦାତାଭାବେ ଉପସ୍ଥିତ ଥିଲେ। ଚତୁର୍ଥ ଦିବସରେ ମହାତ୍ମାଗାନ୍ଧୀ ସଦ୍‌ଭାବନା ଜ୍ୟୋତି ଯାତ୍ରାରେ ଛାତ୍ରୀମାନେ ଯୋଗ ଦେଇଥିଲେ। ପରେ ଜିଲା ଶିଳ୍ପ କେନ୍ଦ୍ରରେ ଛାତ୍ରୀମାନଙ୍କୁ ଆତ୍ମ ନିର୍ଭରଶୀଳ ହେବାପାଇଁ ତାଲିମ ଦିଆଯାଇଥିଲା। ପୂର୍ବତନ ଛାତ୍ରୀ ଶ୍ରଦ୍ଧା ମହାନ୍ତି ଓ ସାହାରା ମହାନ୍ତି ତାଲିମଦାତାଭାବେ ଉପସ୍ଥିତ ଥିଲେ। ନବରଙ୍ଗପୁର ବିଧାୟକ ତଥା ମହାବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ମୋନହର ରନ୍ଧାରୀ ମୁଖ୍ୟ ଅତିଥି ଓ ନବରଙ୍ଗପୁର ବ୍ଲକ ଉପାଧ୍ୟକ୍ଷା ଅପରାଜିତା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପଞ୍ଚମ ଦିବସରେ ସ୍ୱେଚ୍ଛାସେବୀ ମନୋରରମା ମାଝି ଯୋଗଦେଇଥିଲେ। ଷଷ୍ଠ ଦିବସରେ ନବରଙ୍ଗପୁର ବ୍ଲକ ଚୁଟିଆଗୁଡା ଗାଁରେ ୟୁନିଟ ୧ ଓ ଖଣ୍ଡକୁଡା ଗାଁରେ ୟୁନିଟ ୨ ଏନ୍ଏସ୍ଏସ୍ ଛାତ୍ରୀମାନେ ଯାଇ ସ୍ୱାସ୍ଥ୍ୟ, ପରିମଳ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ କିଭଳି ଗ୍ରାମୀଣ ବିକାଶ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସୋମବାର ମହିଳା ମହାବିଦ୍ୟଳୟରେ ଉଦଯାପନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର କୃତି ଛାତ୍ରୀଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ ୟୁନିଟ ୧ ସଂଯୋଜକ ତଥା ଅଧ୍ୟାପିକା ରଞ୍ଜୁଷା ପ୍ରହରାଜ, ୟୁନିଟ୨ ସଂଯୋଜକା ତଥା ଅଧ୍ୟାପିକା ଏମ୍.ରୋହିଣୀ ରାଣି, ଅଧ୍ୟାପକ ବିନୋଦ ବିହାରି ପ୍ରଧାନ, ଅଧ୍ୟାପିକା ଡଃ ସଂଯୁକ୍ତା ପଣ୍ଡା, ସୁନୀତା ପାତ୍ର, ତ୍ରିପତି ମାଳି , ଅଧ୍ୟାପକ ନୃପେନ୍ଦ ନାଥ ଖୋସ୍ଲା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାନନ ଦାଶ, ସଦ୍ଧାର୍ଥ ବେହେରା ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ଅଟୋ ଧକ୍କାରେ ଜଣେ ଗୁରୁତର

**ଝରିଗାଁ, ୧୫।୧୦ (ଡି.ଏନ୍.ଏ.)**

ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତର ଗୌଡ଼ଗୁଡା ଛକଠାର ଜଣେ ମୋଟରସାଇକେଲ ଆରୋହୀ ଅଜଣା ଅଟୋ ଧକ୍କାରେ ଗରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଆହତ ଜଣଙ୍କ ହେଲେ ଗୌଡ଼ଗୁଡା ଗ୍ରାମର ଯଦୁ ଗୌଡ଼ (୧୮)। ପ୍ରକାଶ ଯେ, ଯଦୁ କୌଣସି କାମରେ ଝରିଗାଁ ଯାଉଥିବାବେଳେ ଚଛା ଅଭିମୁଖେ ଆସୁଥିବା ଏକ ଅଟୋ ସହ ତାଙ୍କର ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ ଅଟୋ ଚାଳକ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ଯଦୁଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଡାକ୍ତର ଆଶୁତୋଷ ମିଶ୍ରଙ୍କ ପ୍ରାଥମିକ ଚିକିତ୍ସା କରିବା ପରେ ଯଦୁଙ୍କ ହାତ ଓ ପାଦରେ ଗଭୀର କ୍ଷତ ହୋଇଥିବା କହିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର କରାଯାଇଛି।




CLASSIFIED DISPLAY







MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



**ସଂକ୍ଷେପରେ**

## ମଦ ଜବତ, ୨ ଗିରଫ

**ରାୟଗଡା ଅଫିସ୍, ୧୫।୧୦:** ଦଶହରା ପୂଜା ଉପଲକ୍ଷେ ମଲ୍‌ଟି ଡିସପିଲିନାରୀ ସ୍କ୍ୱାର୍ଡ ଗଠନ କରାଯାଇ ରାୟଗଡା ଥାନା ଅନ୍ତର୍ଗତ ବାରୀଝୋଲା, ଚାନ୍ଦିଲି ଥାନା ଅନ୍ତର୍ଗତ ପିଣ୍ଡାପଦର ଏବଂ ସାରାବୁ ପିତେଶୁ ଗ୍ରାମରେ ଅବକାରୀ ଚଢ଼ାଉ କରାଯାଇ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଦ୍ୱୟ ହେଲେ ଚାନ୍ଦିଲି ଥାନା ଅନ୍ତର୍ଗତ ସାରାବୁପିତେଶୁ ଗ୍ରାମର ପ୍ରଫୁଲ୍ଲ କନ୍ଧପାଣି ଏବଂ ପ୍ରକାଶନନ୍ଦ କୌଶଲ୍ୟା । ପ୍ରଫୁଲ୍ଲ କନ୍ଧପାଣିଙ୍କ ଠାରୁ ୧୦ଲିଟର ହାତରନ୍ଧା ମହୁଲ ମଦ ଏବଂ ପ୍ରକାଶନନ୍ଦ କୌଶଲ୍ୟା ଠାରୁ ୫ଲିଟର ହାତରନ୍ଧା ମହୁଲ ମଦ ଜବତ କରାଯାଇଛି । ଏଥିରେ ଅବକାରୀ ନିରୀକ୍ଷକ ଅରୁଣ କୁମାର, ରାୟଗଡା ଅବକାରୀ ଉପନିରୀକ୍ଷକ ବିଶ୍ୱାମିତ୍ର ବୁଡେକ ଏବଂ ଅବକାରୀ ଏଏସ୍‌ଆଇ ଦିନବନ୍ଧୁ ସୀରା, ତ୍ରିପତୀ ପଟ୍ଟନାୟକ ପ୍ରମୁଖ ଏହି ଚଢ଼ାଉରେ ସାମିଲ୍ ହୋଇଥିଲେ ।

# ଦୁର୍ଗା ପୂଜା ନେଇ ଝଲସୁଛି ରାୟଗଡା

**ରାୟଗଡା ଅଫିସ୍/କଲ୍ୟାଣସିଂହପୁର, ୧୫।୧୦(ଡ଼ି.ଏନ.ଏ)**

ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଦୁର୍ଗା ପୂଜା ଆରମ୍ଭ ହୋଇଛି । ସୋମବାର ମା’ ଦୁର୍ଗାଙ୍କର ପ୍ରଥମ ଷଷ୍ଠୀ ପୂଜା କରାଯାଇଛି । ଏଥିସହ ହୋମଯଜ୍ଞ, ଚଣ୍ଡିପାଠ, ସମସ୍ତ ପ୍ରକାର ପୂଜା କରାଯାଇଛି । ପୂଜା କମିଟି ପକ୍ଷରୁ ମଣ୍ଡପଗୁଡିକରେ ବଡ ବଡ ତୋରଣ ସାଙ୍ଗକୁ ମା’ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇଛି । ବିଭିନ୍ନ ପୂଜା ମଣ୍ଡପଗୁଡିକ ଏବଂ ତାର ଆଖପାଖ ଅଞ୍ଚଳଗୁଡିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି । ବିଭିନ୍ନ ପୂଜା ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ଦୋକାନ ବଜାର ଖୋଲାଯାଇଥିବା ଦେଖିବାକୁ ମିଳିଛି । ମା’ଙ୍କ ପୂଜାର୍ଚ୍ଚନା ନିମନ୍ତେ ପ୍ରତ୍ୟେକ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି । ରାୟଗଡା ସହରର ପୋଲିସ କଲୋନୀ, ଇନ୍ଦିରାନଗର, ଜେକେ କାଗଜକଳ, ସାଉଥ୍ କୋ କାର୍ଯ୍ୟାଳୟ ପକ୍ଷରୁ ଜ୍ୟୋତିମହଲ ଛକ, ବ୍ରାହ୍ମଣସାହି ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ମା’ ଦୁର୍ଗାଙ୍କ ଷଷ୍ଠୀ ପୂଜା କରାଯାଇଛି । ସେହିପରି କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସଦର ମହକୁମାଠାରେ ପ୍ରିୟଦର୍ଶନୀ କ୍ଲବ ତରଫରୁ ଆରମ୍ଭ ହୋଇଛି ମା’ ଦୁର୍ଗାଙ୍କ ପୂଜା । ରବିବାର ବେଲବରଣ କରାଯାଇଥିଲା । ସୋମବାର ସକାଳେ ଦୁର୍ଗା ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ପୀଠରେ ପୂଜା ଆରମ୍ଭ ହୋଇଛି। ଦୀର୍ଘ ୨୮ ବର୍ଷ ଧରି ଏହି ପୂଜା ପାଳନ କରି ଆସୁଛି ପ୍ରିୟଦର୍ଶନୀ କ୍ଲବ । ସୁନ୍ଦର ମେଢ଼ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ପୁରା ସହର ଝଲସୁଛି । ବ୍ଲକରେ ଥିବା ଅଧିଷ୍ଠାତ୍ରୀ ଦେବୀ କନକଦୁର୍ଗା ଭୈରବୀ, କାଳୀ ସୁନ୍ଦରୀ, ପାଟଖଣ୍ଡା, ସୀତାଲାମ୍ମା ବିଭିନ୍ନ ଦେବୀ ପୀଠରେ ପୂଜା ପାଇଁ କମିଟି ଗଠନ କରାଯାଇଛି । ଲୋକଙ୍କ ମନୋରଞ୍ଜନ ନିମନ୍ତେ ମେଲୋଡି, ବୁଗିବୁଗି କାର୍ଯ୍ୟକ୍ରମ କରାଯିବ । ଦଶମୀ ଦିନ ରାବଣ ପୋଡିର ଆୟୋଜନ କରାଯିବ ।



କଲ୍ୟାଣସିଂହପୁରରେ ନିର୍ମିତ ତୋରଣ ।



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବତୀଯୁବକ ଓ ଅନ୍ୟମାନେ ।

## ଆତ୍ମନିର୍ଭରଶୀଳ ନେଇ ତାଲିମ କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୧୫।୧୦**

ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଉଦୟ ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଜିଲାରେ ୟୁଏନ୍‌ଏଫ୍‌ପିଏର ସହାୟତାରେ ସମଗ୍ର ୧୧ଟି ବ୍ଲକ୍‌ର ୯୩ଜଣ ଆଦିବାସୀ ଯୁବତୀଯୁବକଙ୍କୁ ଏହି ତାଲିମ ଦିଆଯାଇଛି । ଏହି ଯୁବତୀଯୁବକମାନେ ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ନିଜ ଗାଁ ଓ ପଞ୍ଚାୟତରେ ଲୋକଙ୍କୁ ବିଭିନ୍ନ ଯୋଜନା ନେଇ ସଚେତନ କରିବେ । ଲୋକଙ୍କ ଭିତରେ ଥିବା କୁପ୍ରଥା, କୁପରମ୍ପରା ଓ ଅନ୍ଧବିଶ୍ୱାସକୁ ଦୂର କରି ନୂତନ ଆଲୋକ ପ୍ରଦାନ କରିବା ପାଇଁ ଯୁବତୀଯୁବକମାନେ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜକ ସବ୍ୟସାଚୀ ରାଉତ, କିସ୍ ଅନୁଷ୍ଠାନର ଜିଲା ସଂଯୋଜକ ରୋନୀତ ଶବର ଓ ଅମୂଲ୍ୟରତ୍ନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ କୁଲି ସରପଞ୍ଚ ହରପ୍ରସାଦ ହେପ୍ରୁକା ଯୋଗଦେଇ ଉପସ୍ଥିତ ଯୁବତୀଯୁବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

## ତୈଳ ଦର କମାଇବା ଦାବିରେ ବିକ୍ଷୋଭ



ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ରାୟଗଡା ଅଫିସ୍, ୧୫।୧୦**

ପେଟ୍ରୋଲ ଓ ଡିଜେଲରେ କେନ୍ଦ୍ର ସରକାର ୨ଟଙ୍କା ୫୦ପଇସା କମାଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ୨ଟଙ୍କା ୫୦ପଇସା କମାଇବା ପାଇଁ ଦାବି ହୋଇଛି । ଏନେଇ ରାୟଗଡା ଭାଜପା ପକ୍ଷରୁ ସ୍ଥାନୀୟ କପିଳାଶ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ବିଜେଡି ୨ଟଙ୍କା ୫୦ପଇସା ହ୍ରାସ ନ କରି ଚିର ନିଦ୍ରାରେ ଶୋଇଛି । ରାଜ୍ୟ ଯଦି ଛାଡନ୍ତା ତା’ହେଲେ ବସ୍ ଭଡାଠୁ ଆରମ୍ଭକରି ବହୁ ଦ୍ରବ୍ୟରେ କମ୍ ପଡନ୍ତା । ଆଗାମୀଦିନରେ ଏହାର ଭାଟ ମୂଲ୍ୟ ରାଜ୍ୟ ପାଖାପାଖି ୨୭ ଟଙ୍କା ନେଉଥିବା ବେଳେ କେନ୍ଦ୍ର ନେଉଛି ୧୭ଟଙ୍କା । ଏହି ବିଷୟ ଆଗାମୀଦିନରେ ମୁଖ୍ୟ ପ୍ରସଙ୍ଗ ହେବ ଓ ଗାଁ ଗାଁକୁ କୁହାଯିବ ବୋଲି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଜନଜାତି ମୋର୍ଚ୍ଚା କାଳୀରାମ ମାଝି କହିଥିଲେ । ସେହିଭଳି ହଳଧର ମିଶ୍ର ଓ ରଜତ ମାଦଳା ମଧ୍ୟ ସମାନ ଅଭିଯୋଗ କରି ବିଜେଡି ଏକ ଜନବିରୋଧି ସରକାର କହି ବିଭିନ୍ନ ସମାଲୋଚନା କରିଥିଲେ । ଏଥିରେ ନଗର ସଭାପତି ଏମ୍.ରାମ୍ମାରାଓ, ଜିଲା ଉପସଭାପତି କେ.ଅଶ୍ୱିନୀ, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଲକ୍ଷ୍ମୀ ପଟ୍ଟନାୟକ, ରାଜୁ ସାହୁ, ମହିଳା ମୋର୍ଚ୍ଚାର ଜିଲା ଉପସଭାପତି ଭାନୁମତି ମୁଦୁଲି, ଜି.ରାଜେଶ୍ୱରୀ, ସେନାପତି ଲିନା, ନଗର ଉପସଭାପତି ଗୌରୀ ପ୍ରଧାନ, ରାଜେଶ ହିମିରିକା, ସୋମନାଥ ହିମିରିକା, ତାଉଡୁ ହିମିରିକା, ତରୁଣ ଗରଡିଆ, ସୁରେଶ ଲିମା ପ୍ରମୁଖ ଉପସ୍ଥିତ ଥିଲେ ।

## ସାପ କାମୁଡ଼ାରେ ଜଣେ ଗୁରୁତର

**କଲ୍ୟାଣସିଂହପୁର, ୧୫।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ଗ୍ରାମଠାରେ ସୋମବାର ସାପ କାମୁଡ଼ାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି । ସେ ହେଲେ କାଶୀପୁର ବ୍ଲକ ପଦାମାଞ୍ଜୀର ଡମ୍ବୁରୁ ମାଝି(୫୫) । ସେ ଶିକରପାଇ ଟମାଟୋ ବିକ୍ରି କରିବାକୁ ଆସିଥିଲେ । ବିକ୍ରି କରିବା ପରେ ଷ୍ଟେଶନକୁ ଚାଲି ଚାଲି ଯିବା ବେଳେ ଲକ୍ଷ୍ମୀପୁରଠାରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା । ସେ ସେଠାରେ ପଡି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଶିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।




